# Akashvani, Sambalpur

## SAMBALPURI NEWS BULLETIN

### 22 June 2024- 6.47- 6.52 am.

*********************************************

ସ୍ନାନଯାତ୍ରା        ଆର୍ଏନ୍ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ପବିତ୍ର ସ୍ନାନଯାତ୍ରା ଅନୁଷ୍ଠିତ୍ ହେଉଛେ । ଶ୍ରୀମନ୍ଦିର୍ ପରିସର୍ ନ ଥିବା ସୁନା କୁଆଁନୁ ଶହେ ୮ କଲସ୍ ପାଏନ୍‌କେ ଅଭିମନ୍ତ୍ରିତ୍ ଆଉ ସୁବାଶିତ କରିକରି ମହାପ୍ରଭୁଙ୍କର୍ ଦିବ୍ୟ ସ୍ନାନ କରାଯିବା । ଇତାର୍‌ଉତ୍‌ରୁ ମହାପ୍ରଭୁଙ୍କର୍ ହାତୀ ବେଶ ଅନୁଷ୍ଠିତ ହେବା । ଇଥିର୍‌ଲାଗି ଆଏଜ୍ ପହପହ ୫ ବାଜିକରି ୧୦ ମିନିଟ୍‌ଥି ମଙ୍ଗଳାର୍ପଣ କରାଯିବାର୍ ଉତ୍‌ରୁ ୫ ବାଜିକରି ୨୧ ମିନିଟ୍‌ଥି ଶ୍ରୀଜୀଉମାନ୍‌କର୍ ପହଣ୍ଡି ମୁଲ୍ ହେଇଛେ । ସ୍ୱତନ୍ତ୍ର ନୀତିକାନ୍ତି ଉତ୍‌ରୁ ୧୨ ବାଜିକରି ୨୦ ମିନିଟ୍‌ନୁ ୧ ବାଜିକରି ୪୫ ମିନିଟ୍ ଭିତ୍‌ରେ ମହାପ୍ରଭୁଙ୍କର୍ ଦିବ୍ୟସ୍ନାନ ଅନୁଷ୍ଠିତ ହେବା । ଉପର୍‌ବେଲା ୩ ବଜେ ଛେରାପହଁରା, ୩ ବାଜିକରି ୪୦ ମିନିଟ୍‌ଥି ହାତୀ ବେଶ ଉତ୍‌ରୁ ସଞ୍ଜ୍‌ବେଲା ସାଢ଼େ ୭ ବଜେ ନୁ

ସାହାଣ ମେଳା ଦର୍ଶନ୍ ବ୍ୟବସ୍ଥା କର୍ବାର୍ ଲାଗି ନୀତିନୀର୍ଘଂଟ କରାଯାଇଛେ । ରାତି ସାଢ଼େ ୧୧ ବଜେନୁ ରାତି ୨ ବଜେ ଭିତ୍ରେ ବାହୁଡ଼ା ପହଣ୍ଡି କରାଯିବା । ଶ୍ରୀକ୍ଷେତ୍ର ପୁରୀ ନ ମହାପ୍ରଭୁଙ୍କର୍ ଇ ଦିବ୍ୟଦର୍ଶନ୍ ଲାଗି ଲାଖ୍ ଲାଖ୍ ଭକ୍ତଙ୍କର୍ ଭିଡ଼୍ ହେବାର୍ ସମ୍ଭାବନା ଥିବାର୍ନୁ ୬୮ ପ୍ଲାଟୁନ୍ ଫୋର୍ସ ମୁତୟନ୍ କରାଯାଇଛେ । ଇତାରଛଡ଼ା ପ୍ରଶାସନ୍ ତର୍ଫୁ ୨୬ ଝନ୍ ମାଜିଷ୍ଟ୍ରେଟ୍ଙ୍କୁ ମୁତୟନ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ - ଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଫି ଦିନ ଲୁକ୍କର୍ ଅଭିଯୋଗ୍ ଶୁନ୍ବେ । ଏତ୍କେ ଲୋକ୍ମାନ୍କର୍ଠାନୁ ସେ ଫି' ଦିନ୍ ଉପର୍ବେଲା ୩ ନୁ ୫ ବଜେତକ୍ ସେମାନ୍କର୍ ଅଭିଯୋଗ୍ ଆଉ ସମସ୍ୟା ଶୁନ୍ବେ । ଗଲାକାଏଲ୍ଠାନୁ ଇ ବ୍ୟବସ୍ଥା ମୁଲ୍ ହେଇଛେ । ଅଭିଯୋଗ୍ ଶୁଣାଣିକେ ଶୃଙ୍ଖଲିତ୍ ଆଉ ସହଜ୍ କର୍ବାର୍ ଲାଗି ବ୍ୟବସ୍ଥା କରାଯିବା ବଲି ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍ଫୁ ସୂଚ୍ନା ମିଲିଛେ ।

ଉପଦେଷ୍ଟା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍‌ଥି ଥିବା ଉପଦେଷ୍ଟାମାନ୍‌କୁ ଜଲ୍‌ଦି ହଟାବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ସର୍‌କାର୍‌ଙ୍କର୍ କାର୍ଯ୍ୟକ୍ରମ୍ କି କାର୍ଯ୍ୟଦକ୍ଷତା ବଢ଼ାବାର୍‌ଥି କେନ୍‌ସି ଉନ୍ନତି ନାଇଁ ଦେଖାଦେଇଥିବାର୍‌ନୁ ଇ ନିଷ୍ପତି ନିଆଯାଇଛେ । ଇ ଉପଦେଷ୍ଟାମାନେ ମନ୍ତ୍ରୀମାନ୍‌କର୍ ବାଗିର୍ ସବୁ ସୁବିଧା ସୁଯୋଗ୍ ପାଇ ଆସୁଥିଲେ ।

ପଂଚାୟତ୍ - ଆରୋଗ୍ୟ କେନ୍ଦ୍ର ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ଗ୍ରାମ୍‌ପଂଚାୟତ୍ ମୁଖ୍ୟାଲୟ ନ ଆରୋଗ୍ୟ କେନ୍ଦ୍ର ଖୁଲ୍‌ବାର୍ ପ୍ରସ୍ତାବ୍ ରହିଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଆନ୍ତର୍ଜାତିକ ଯୋଗ ଦିବସ୍ ଅବ୍‌ସରେ ବଲାଙ୍ଗିର୍ ଗାନ୍ଧୀ ଷ୍ଟାଡ଼ିୟମ୍ ନ ହେଇଥିବା ସମାରୋହଥି ଯୋଗ୍ ଦେଇକରି ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ଯେ, କେନ୍ଦ୍ର ସର୍‌କାର୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସବୁ ପଦକ୍ଷେପ୍

ନିଆଯିବା । ପଂଚାୟତ୍ ମୁଖ୍ୟାଲୟର ଆରୋଗ୍ୟ କେନ୍ଦ୍ର ମାନ୍କେ ୫ନେ ଲେଖା ଯୋଗ ପ୍ରଶିକ୍ଷକ ରହେବେ । ସେମାନେ ଯୋଗ ଆୟୁର୍ବେଦ, ୟୁନାନୀର ପ୍ରଚାର୍ ପ୍ରସାର୍ କର୍ବେ ବଲି ସେ କହିଛନ୍ ।

ସ୍ୱାସ୍ଥ୍ୟକେନ୍ଦ୍ର- ସୌରପେନେଲ        ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟର୍ ଶହେ ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର - ପିଏଚ୍ସି ଆର୍ ୫୦ ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର - ସିଏଚ୍ସି ନ ସୌର ପେନେଲ୍ ଲାଗ୍ବା । ଇଥିର୍ଲାଗି ଅକ୍ଷୟ ଶକ୍ତି ବିକାଶ୍ ସଂସ୍ଥା- ଓରେଡ଼ା ତର୍ଫୁ କାମ୍ ମୁଲ୍ ହେଇଛେ । ଇ ଅନ୍ସାରେ ରାଜ୍ୟର୍ ଭିନ୍ ଭିନ୍ ବିଭାଗ୍ର କେନ୍ ସବୁ ଅଫିସ୍ ନ ସୌରଶକ୍ତି ବ୍ୟବସ୍ଥା କରାଯିବା ତାର୍ ଗୁଟେ ତାଲିକା ଦେବାର୍ ଲାଗି କୁହାଯାଇଥିଲା । ସେ ଅନ୍ସାରେ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ଶହେ ୫୦ ଟା ସ୍ୱାସ୍ଥ୍ୟକେନ୍ଦ୍ରର୍ ତାଲିକା ଓରେଡ଼ାକେ ଦିଆଯାଇଥିଲା ।

ଉଚ୍ଚଶିକ୍ଷାନୁଷ୍ଠାନ- ୨ ଥର୍ ନାଁଲେଖା        ଆର୍ଏନ୍ୟୁ /ସମ୍ବଲପୁର

ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ଇ ବଛର୍ ନୁ ଗୁଟେ ଶିକ୍ଷାବଛ୍‌ରେ ୨ ଥର୍ ନାଁ ଲେଖାଯାଇପାର୍‌ବା । ଜୁଲାଇ ନୁ ଅଗଷ୍ଟ ଆର୍ ଜାନୁଆରୀ ନୁ ଫେବୃଆରୀ ମାସେ ଇ ନାଁଲେଖା ହେବା । ହେଲେ ନାଁଲେଖା ଲାଗି ଛାତ୍ରଛାତ୍ରୀମାନେ ସିୟୁଇଟି - ୟୁଜି କି ସିୟୁଇଟି- ପିଜି ପରୀକ୍ଷାଥି ପାସ୍ କରିଥିବାର୍ ଦର୍‌କାର୍ । ନାଁଲେଖା ଲାଗି ଇ ଦୁହି ପରୀକ୍ଷାର୍ ସ୍କୋର୍ ଜରୁରୀ ଆଏ । ଯଦି ଛାତ୍ରଛାତ୍ରୀ ଜୁଲାଇ ନୁ ଅଗଷ୍ଟ ମାସ୍ ଭିତ୍‌ରେ ନାଁ ନାଇଁ ଲେଖେଇପାର୍‌ଲେ ବେଲେ ସେମାନେ ଜାନୁଆରୀ ନୁ ଫେବୃଆରୀ ମାସ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ । ଏନ୍ତାକି ପିଏଚ୍‌ଡ଼ିଥି ଭିଲ୍ ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍‌କେ ବଛର୍‌କ ୨ ଥର୍ ନାଁ ଲେଖେଇପାର୍‌ବେ । ଇ ବାବ୍‌ଦେ ୟୁଜିସି ତର୍‌ଫୁ ନିଷ୍ପତି ନିଆଯାଇଛେ ।

ବିଶ୍ୱ ଦକ୍ଷତା କେନ୍ଦ୍ର -ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ବିଶ୍ୱ ଦକ୍ଷତା କେନ୍ଦ୍ର ନ ୨୦୨୪-୨୫ ବେଚ୍‌ର ନାଁଲେଖା ପ୍ରକ୍ରିୟା ଆଏଜ୍‌ଠାନୁ ମୁଲ୍ ହେବା । ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ବିଭାଗ୍ ଅଧୀନ୍ ଥିବା ଭିନ୍ ଭିନ୍ ଅତ୍ୟାଧୁନିକ୍ ପାଠ୍ୟକ୍ରମ୍‌ଥି ଇଚ୍ଛୁକ ପ୍ରାର୍ଥୀମାନେ ଆଏବା ଅଗଷ୍ଟ ମାସ ୩୦ ତାରିଖ୍‌ତକ୍ ଆବେଦନ୍

କରିପାର୍‌ବେ । ଆଗ୍ରହୀ ପ୍ରାର୍ଥୀମାନେ www.worldskillcenter.org ୱେବ୍‌ସାଇଟ୍‌ରୁ ପଞ୍ଜିକରଣ୍ କରିପାର୍‌ବେ । ଇତାର୍‌ଉତାରୁ ଅନ୍‌ଲାଇନ୍‌ରୁ ପ୍ରବେଶିକା ପରୀକ୍ଷା କରାଯାଇକରି ନାଲେଖା ହେବା । ଆବେଦନ୍ କର୍‌ବାର୍ ଲାଗି ୨ ବର୍ଷିଆ ଆଇଟିଆଇ କି ୩ ବର୍ଷିଆ ଡିପ୍ଲୋମା କରିଥିବାର୍ ଦର୍‌କାର୍ ।

ଓଟିଇଟି ପରୀକ୍ଷା- ବିଜ୍ଞପ୍ତି ଆର୍‌ଏନ୍‌ୟୁ / ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ହେଉଥିବା ଓଡ଼ିଶା ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା- ଓଟିଇଟି ୨୦୨୪ ଲାଗି ବିଜ୍ଞପ୍ତି ବାହାରିଛେ । ଇ ପରୀକ୍ଷା ଆଏବା ଅଗଷ୍ଟ ମାସ ୯ ତାରିଖ୍ ଦିନ ହେବା । ଇଥିର୍‌ଲାଗି ଆଏବା ୨୪ ତାରିଖ୍‌ନୁ ଜୁଲାଇ ୫ ତାରିଖ୍‌ତକ୍ ଅନ୍‌ଲାଇନ୍ ଆବେଦନ୍ କରାଯାଇପାର୍‌ବା । ଅଗଷ୍ଟ ୨ ତାରିଖ୍‌ନୁ ପରୀକ୍ଷାର୍ଥୀମାନ୍‌କୁ ଏଡ଼ମିଟ୍‌କାର୍ଡ୍ ଯୁଗେଇ ଦିଆଯିବା ବଲି ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ବ୍ୟବସ୍ଥା କରାଯାଇଛେ ।

ଡିଇଏଲ୍‌ଇଡି ଆଉ ସିଟି ପାଠ୍ୟକ୍ରମ୍ ନାଁଲେଖା

ଆର୍‌ଏନ୍‌ୟୁ / ସମ୍ବଲପୁର

୨୦୨୪ -୨୬ ଶିକ୍ଷାବଛରତ୍ଥି ଡିପ୍ଲୋମା ଇନ୍ ଏଲିମେଂଟରୀ ଏଜୁକେସନ୍ - ଡିଇଏଲ୍ଇଡି ଆଉ ସିଟି ପାଠ୍ୟକ୍ରମ୍ଥି ନାଁଲେଖା ହେବା । ୨ ବଛରତକ୍ ବନ୍ଦ୍ ରହେବାର୍ ଉତ୍ରୁ ଗଲାବଛରନୁ ମୁଲ୍ ହେଇଥିବା ନାଁଲେଖା ଇଥର ଫେର୍ଘାଏ ନିୟମିତ୍ କର୍ବାର୍ ଲାଗି ରାଜ୍ୟ ସର୍କାର୍ ନିଷ୍ପତି ନେଇଛନ୍ । ପହେଲା ଖେପ୍ଥି ପରୀକ୍ଷା ପରିଚାଳନା ଲାଗି ସଂସ୍ଥାମାନ୍କର୍ ବାଛ୍ବାର୍ ପ୍ରକ୍ରିୟା ମୁଲ୍ ହେଇଛେ । ଇ ସଂସ୍ଥାମାନ୍କୁ ଜୁଲାଇ ୪ ତାରିଖ୍ ଭିତ୍ରେ ଟେଣ୍ଡର୍ ପକାବାର୍କେ କୁହାଯାଇଛେ । ଇଥର ପାଖାପାଖି ୧ ଲାଖ୍ ୨୦ ହଜାର୍ ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ଦେବାର୍ ସମ୍ଭାବନା ରହିଥିବାରନୁ ୩୦ ଟା ଜିଲ୍ଲାଥି ପରୀକ୍ଷା କେନ୍ଦ୍ର ହେବା ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲପୁର

ରାଜ୍ୟର୍ ୨୪ ଟା ଜିଲ୍ଲାକେ ଦକ୍ଷିଣ ପଶ୍ଚିମ ସୌମୁମୀ ବାୟୁ ପୁହୁଁଚିଛେ । ଇତାର୍ପ୍ରଭାବ୍ଥି କେତେଟା ଜାଗା ନ ହାଲ୍କାନୁ ମଧ୍ୟମ୍ ଧରଣ୍ର ବର୍ଷା ହେଉଛେ । ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ଼୍ ଜିଲ୍ଲା ସହେତେ ଆଉ ୩ ଟା ଜିଲ୍ଲାର୍ କେତେ

ଇଲାକାକେ ଭିଲ୍ ମୌସୁମୀ ପୁହୁଁଚିଛେ । ଇଟା ଅଏତ୍‌କା ସକ୍ରିୟ ହେବାର୍ ସହେତେ ଆଏଜ୍ ସାରା ରାଜ୍ୟକେ ପୁହୁଁଚିବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ରାଏଜେ ମୌସୁମୀ ସକ୍ରିୟ ହେବାର୍ ସହେତେ ବର୍ଷା ମୁଲ୍ ହେଇଥିବାର୍‌ନୁ ଦିନର୍ ତାତି କମ୍‌ବାର୍‌କେ ଲାଗିଛେ ।